## ସଂକ୍ଷେପରେ

### ଠିକା ଆର୍‌ଆଇ, ଏଆର୍‌ଆଇ ନିଲମ୍ବିତ

### ଗୁଣପୁର ପଥର ଖାଦାନ ବିସ୍ଫୋରଣ ଘଟଣା

ଗୁଣପୁର,୨୪।୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନରେ ୨୦୨୦ ଅକ୍ଟୋବର ୧୬ରେ ବିସ୍ଫୋରଣ ଘଟି ତାରିଖରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପୁଣି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଘଟଣାର ୩ମାସ ପରେ ଠିକା ଆର୍‌ଆଇ ସନ୍ତୋଷ ପଣ୍ଡା ଏବଂ ଏଆର୍‌ଆଇ ସନ୍ତୋଷ ଦାସଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ନିଲମ୍ବନ କରିଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଦୁହେଁ ଠିକା କର୍ମଚାରୀ ହୋଇଥିବାରୁ ସେମାନଙ୍କୁ ନିଲମ୍ବନ କରାଯିବ ନା ବହିଷ୍କାର କରାଯିବ ସେ ନେଇ ଜିଲା ପ୍ରଶାସନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରଥିଲା। ତେବେ ସରକାର ଉଭୟଙ୍କୁ ନିଲମ୍ବନ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ହେବାରୁ ଜିଲା ପ୍ରଶାସନ ଆର୍‌ଆଇ ପଣ୍ଡାଙ୍କୁ କାଶୀପୁର ତହସିଲକ ବଦଳି କରିଥିବାବେଳେ ଏଆର୍‌ଆଇ ଦାସଙ୍କୁ ମୁନିଗଡ଼ା ତହସିଲକୁ ନଭେମ୍ବର ୫ରେ ବଦଳି କରିଥିଲେ।

### ଆବର୍ଜନାର ସହର ମୁନିଗୁଡ଼ା

ମୁନିଗୁଡ଼ା,୨୪।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲାର ଅନ୍ୟତମ ପ୍ରମୁଖ ସହରଭାବେ ପରିଚିତ ମୁନିଗୁଡ଼ା। ହେଲେ ଅଳିଆ, ଆବର୍ଜନାର ଉପଯୁକ୍ତ ପରିଚାଳନା ହେଉ ନ ଥିବାରୁ ଏହି ସହର ଏବେ ଆବର୍ଜନାର ସହର ପାଲଟିଛି। ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଘର ଅଳିଆ ରାସ୍ତା ଉପରେ ଫୋପାଡୁଥିବା ଦେଖାଯାଉଛି। ସେହିପରି ପଞ୍ଚାୟତ ପକ୍ଷରୁ ସଫେଇ କାର୍ଯ୍ୟ ଠିକ୍‌ଭାବେ କରାଯାଉ ନ ଥିବାରୁ ବୁଲା ଗାଈଗୋରୁ ଏବଂ କୁକୁର ଅଳିଆ ଗଦାରେ ପଶୁଛନ୍ତି। ଫଳରେ ମୁଖ୍ୟରାସ୍ତାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ବାରମ୍ବାର ଏ ନେଇ ଅଭିଯୋଗ ହେଉଥିଲେ ମଧ ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ। ତେଣୁ ମୁନିଗୁଡ଼ାକୁ ଏନ୍‌ଏସି କରାଯାଇ ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ନିମନ୍ତେ ଦାବି ହେଉଛି।

### କୋଟପାଡ଼ରେ କଂଗ୍ରେସର କର୍ମୀ ସମାବେଶ

ଚାନ୍ଦିଲି (କୋଟପାଡ଼), ୨୪।୧ (ଡ଼ି.ଏନ.ଏ.)- କୋରାପୁଟ ଜିଲା କୋଟପାଡ଼ଠାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଟପାଡ଼ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲା ପର୍ଯ୍ୟବେକ୍ଷକ ଖରିଆର ବିଧାୟକ ଅଧିରଞ୍ଜନ ପାଣିଗ୍ରାହୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ପୂର୍ବତନ ପିସିସି ସମ୍ପାଦକ ଦୁର୍ଗା ଶଙ୍କର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ପୂର୍ବତନ ନଗର କଂଗ୍ରେସ ସଭାପତି ଏମ. ଶଙ୍କର ରାଓ ଏବଂ ପୂର୍ବତନ ଯୁବ କଂଗ୍ରେସ ସଭାପତି ମୁନା ଖାନ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ମଣି ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଅପାରଗତା, ମନୋମୁଖୀ ଶାସନ ବ୍ୟବସ୍ଥାର ସମାଲୋଚନା କରିଥିଲେ। ତୃଣମୂଳ ସ୍ତରରୁ କର୍ମୀମାନେ ନିଷ୍ଠାପର ଭାବେ ଉଦ୍ୟମ କରି ଏଥିରେ ରୋକୋ ଲଗାଇବାକୁ ପରାମର୍ଶ ଦେଇଥିଲେ। କୋଟପାଡ଼ ଅଞ୍ଚଳ ପାଇଁ ଏ ପର୍ଯ୍ୟନ୍ତ କୌଣସି ଲୋକାଭିମୁଖୀ ଆଖିଦୃଶିଆ କାର୍ଯ୍ୟ କରି ନ ଥିବା, ଏନଏସିର କିଛି ବସ୍ତି ଅଞ୍ଚଳକୁ ରାଜନୈତିକ ଉଦ୍ଦେଶ୍ୟ ରଖି ପଟ୍ଟା ପ୍ରଦାନ କରାଯାଉନଥିବା ନେତାମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ଦଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବ୍ଲକ କଂଗେସ ସଭାପତି ରୂପେ ପୂର୍ବତନ ଏମ୍‌ପି ପ୍ରତିନିଧି ପ୍ରକାଶ ମହାନ୍ତି ଏବଂ ନଗର କଂଗ୍ରସ ସଭାପତି ରୂପେ ପୂର୍ବତନ ଏନଏସି ଉପାଧ୍ୟକ୍ଷ ବାପୁନ ତ୍ରିପାଠୀଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ଚଞ୍ଚଳ କୁମାର ଗୁଜରାଲ, ବ୍ଲକ ଅଧକ୍ଷ ବୈଦ୍ୟନାଥ ପୂଜାରୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମନୋହର ବିଶୋୟୀ, ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ନବୀନ ବିଶୋୟୀ, ବ୍ଲକ ଯୁବ କଂଗ୍ରେସ ସଭାପତି ଘନଶ୍ୟାମ ବିଶୋୟୀ, ନଗର ଯୁବ କଂଗ୍ରେସ ସଭାପତି ଶଙ୍କର ପ୍ରସାଦ ପଣ୍ଡା, ରାଜେନ୍ଦ୍ର ପ୍ରସାଦ ନାୟକ ସମ୍ମିଳନୀ ପରିଚାଳନା କରିଥିଲେ। ଜିତେନ୍ଦ୍ରନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜନଜାତି ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଫିନାଇଲ

ନବରଙ୍ଗପୁର,୨୪।୧(ବି.ପ୍ର.)



ଫିନାଇଲ୍ ପ୍ରସ୍ତୁତିରେ ବ୍ୟସ୍ତ ମହିଳାମାନେ ।

- କେନ୍ଦ୍ରୀୟ ଜୀବ ବିଜ୍ଞାନ ସଂସ୍ଥାନ ସହାୟତାରେ ନେଇଥିଲେ ତାଲିମ
- ମହିଳାଙ୍କ ଫିନାଇଲ୍‌ର ବେଶ୍ ଚାହିଦା

କିଛି ଭିନ୍ନ କରିବାର ପ୍ରୟାସ ଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। କେବଳ ଘର କାମ କରିବା ଚିନ୍ତାଧାରାରୁ ବାହାରି ନବରଙ୍ଗପୁର ଜିଲାର ଜନଜାତି ମହିଳାମାନେ ପ୍ରସ୍ତୁତ କରୁଛନ୍ତି ଫିନାଇଲ୍। ୨୦୧୪ରେ ଏସ୍‌ଏଚ୍‌ଜି ଗଠନ କରିଥିଲେ। ବ୍ୟାଙ୍କରୁ ଋଣ ଆଣିଥିଲେ ମଧ ଗୋଷ୍ଠୀ କାର୍ଯ୍ୟରୁ ସଫଳତା ପାଇ ନ ଥିଲେ। ହେଲେ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତର ଆହ୍ୱାନ ପ୍ରେରଣା ଯୋଗାଇଥିଲା। ଏବେ ଫିନାଇଲ ଆମକୁ ରୋଜଗାରକ୍ଷମ କରିପାରିଛି ବୋଲି ସେମାନେ କହିଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁରୁଞ୍ଜିଆଗୁଡ଼ା ଗାଁର ୧୦ ଜନଜାତି ମହିଳାଙ୍କୁ ନେଇ ଗଠିତ ହୋଇଛି ତୁଳସୀ ଏସ୍‌ଏଚ୍‌ଜି। କେନ୍ଦ୍ରୀୟ ଜୀବ ବିଜ୍ଞାନ ସଂସ୍ଥାନର ସହଯୋଗରେ ମହିଳାମାନେ ତାଲିମ ନେବାପରେ ଆରମ୍ଭ କରିଥିଲେ ଫିନାଇଲ୍ ପ୍ରସ୍ତୁତି। ପାଇନ୍ ତେଲ, ପରଫ୍ୟୁମ୍, ତରଳ କଷ୍ଟିକ୍ ସୋଡ଼ା ଆଦି ସାମଗ୍ରୀ ବ୍ୟବହାର କରି ଫିନାଇଲ ପ୍ରସ୍ତୁତ ହେଉଛି। ନିର୍ଦ୍ଦିଷ୍ଟ ଭାଗ ମାପରେ ଏହି ରାସାୟନିକ ପଦାର୍ଥ ମିଶ୍ରଣ କରି ଏମାନେ ସତର୍କତାର ସହ ପ୍ରସ୍ତୁତ କରୁଛନ୍ତି। ଫିନାଇଲ ପ୍ରସ୍ତୁତ ହେବା ପରେ ଏହାକୁ ୧.୫ ଲିଟର ଓ ୫ଲିଟର ବିଶିଷ୍ଟ ବୋତଲରେ ଭର୍ତ୍ତି କରିଥାନ୍ତି। ଛୋଟ ବୋତଲର ମୂଲ୍ୟ ୩୫ ଟଙ୍କା ରହିଥିବାବେଳେ ୫ ଲିଟରର ଦାମ୍ ରହିଛି ୧୫୦ଟଙ୍କା। ଗାଁରେ ମହିଳାମାନେ ଘରକୁ ଘର ଘର ବୁଲି ଏହାକୁ ବିକ୍ରି କରୁଥିବାବେଳେ ନିକଟସ୍ଥ ଗ୍ରାମବାସୀ ମଧ ତୁରୁଞ୍ଜିଆଗୁଡ଼ା ଆସି ଫିନାଇଲ କିଣି ନେଉଥିବା ମହିଳାମାନେ କହିଛନ୍ତି। ବଜାରରେ ବିକ୍ରି ହେଉଥିବା ଫିନାଇଲଠାରୁ ଏହି ମହିଳାମାନେ ଅଧା ମୂଲ୍ୟରେ ବିକ୍ରି କରୁଥିବାରୁ ଏହାର ବଜାର ଚାହିଦା ଅଧିକ ରହିଛି। ଗାଁ ଲୋକେ ମଧ ଏହି ଫିନାଇଲ ବ୍ୟବହାର କରି ଖୁସି ଥିବା ଜଣାପଡ଼ିଛି। ତୁଳସୀ ଗ୍ରୁପ୍‌ର ମହିଳାଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ପ୍ରଚେଷ୍ଟା ଅନ୍ୟ ମହିଳାଙ୍କୁ ପ୍ରେରଣା ଯୋଗାଇବ ବୋଲି ଗ୍ରାମବାସୀ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଚାଉଳ ଟ୍ରକ୍‌କୁ ୩୮ ହଜାର ଜରିମାନା



ପୋଲିସ ଅଟକାଇଥିବା ଚାଉଳ ଗାଡି ।

ରାୟଗଡ଼ା ଅଫିସ,୨୪।୧–

**ଓଭରଲୋଡିଂ ହୋଇ ଯାଉଥିଲା**

କ୍ଷମତାଠାରୁ ଅଧିକ ଚାଉଳ ବୋଝେଇ ନେଉଥିବା ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ପୋଲିସ ଏକ ଟ୍ରକ୍ ନିକଟରୁ ୩୮ହଜାର ଟଙ୍କା ଜରିମାନା ଆଦାୟ କରିଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ଶେଷଖାଲ ଅଞ୍ଚଳରୁ କୋରାପୁଟ ଜିଲାର ବୋରିଗୁମା ଅଭିମୁଖେ ଯାଉଥିବା ଏକ ଚାଉଳ ବୋଝେଇ ଟ୍ରକ୍‌କୁ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ପୋଲିସ ପିଡିଏସ୍ ଚାଉଳ ଚାଲାଣ ସନ୍ଦେହରେ ମାଲିଗାଁ ନିକଟରେ ଅଟକାଇଥିଲା। ତେବେ ଯୋଗାଣ ବିଭାଗ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପରେ ଏହା ପିଡିଏସ୍ ଚାଉଳ ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। କିନ୍ତୁ ଗାଡ଼ିରେ ଓଭରଲୋଡିଂ ହୋଇ ଚାଉଳ ଯାଉଥିବାରୁ ରାୟଗଡ଼ା ପରିବହନ ବିଭାଗ ପକ୍ଷରୁ ୩୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଚାନ୍ଦିଲି ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଏକ ହୋଇ ନିର୍ବାଚନ ଲଢ଼ିବାକୁ କର୍ମୀଙ୍କୁ ମନ୍ତ୍ର



ସମ୍ମିଳନୀରେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ସଭାପତି ଓ ଅନ୍ୟମାନେ ।

ପଦ୍ମପୁର,୨୪।୧(ଡି.ଏନ୍.ଏ.)

- ଆଗକୁ ପଦ୍ମପୁର 'ଖ' ଜୋନ୍ ଉପନିର୍ବାଚନ
- ମାର୍ଦ୍ଦିଗୁଡ଼ାରେ ବିଜେଡିର ସାଙ୍ଗଠନିକ ସମ୍ମିଳନୀ
- ୧୦୦ରୁ ଊର୍ଦ୍ଧ୍ୱ ବିଜେଡିରେ ମିଶିଲେ

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ମାର୍ଦ୍ଦିଗୁଡ଼ାଠାରେ ରବିବାର ବିଜେଡର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବ୍ଲକ୍ ବିଜେଡି ସଭାପତି ରବି ନାରାୟଣ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ପଦ୍ମପୁର ବ୍ଲକ୍ ଅଧକ୍ଷ ରମାକାନ୍ତ ମାଝି, ପୂର୍ବତନ ବ୍ଲକ୍ ଅଧକ୍ଷ କୈଳାସ କ୍ରାସ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ମନ୍ତ୍ରୀ, ବିଧାୟକ ଏବଂ ଜିଲା ସଭାପତି ଏମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଗକୁ ପଦ୍ମପୁର 'ଖ' ଜୋନ୍ ଜିଲା ପରିଷଦ ଉପନିର୍ବାଚନ ରହିଥିବାରୁ ନୂତନ ସଦସ୍ୟଙ୍କୁ ନେଇ ବ୍ଲକ୍‌ରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ନେତାମାନେ କହିଥିଲେ। ତେବେ ଉନପିର୍ବାଚନ ନିମନ୍ତେ ଦଳ ଯାହାକୁ ଟିକେଟ ଦେଲେ ମଧ ସମସ୍ତେ ଏକ ହୋଇ ନିର୍ବାଚନରେ ବିଜୟୀ ପାଇଁ ଉଦ୍ୟମ କରିବାକୁ ଜିଲା ସଭାପତି କର୍ମୀଙ୍କୁ ମନ୍ତ୍ର ଦେଇଥିଲେ। ତେବେ ଜିଲା ସଭାପତି ଏବଂ ଦଳ ଯାହାକୁ ପ୍ରାର୍ଥୀ କରିବେ କରିବେ ସମସ୍ତଙ୍କ ସମର୍ଥନ ରହିବ ବୋଲି କର୍ମୀମାନେ ପ୍ରକାଶ କରିଥିଲେ। ଚଳିତ ୨୯ରେ ଉପନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ହେବାକୁ ଥିବାବେଳେ ସେହିଦିନ ହିଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଗଗନ ଆଚାର୍ଯ୍ୟ, ବି. ନାରାୟଣ ରାଜୁ, ହୁଡୁଲା ମାଝି, କରୁଣା ଶବର, ରଘୁନନ୍ଦନ ନାୟକ, ଯୁଗଳ ମାଝି, ବ୍ରଜସୁନ୍ଦର ପାଣିଗ୍ରାହୀଙ୍କ ସମେତ ବ୍ଲକ୍‌ର ୭ ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ।

### କିନ୍ନରଙ୍କୁ ସେମାନଙ୍କ ଅଧିକାର ନେଇ ସଚେତନତା

ଗୁଣପୁର,୨୪।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ କିନ୍ନରମାନଙ୍କୁ ନେଇ ଅନ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସଂସ୍ଥାର ଅଧକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ, ଜେଏମ୍‌ଏଫ୍‌ସି ଦୀପଙ୍କର ବଳ ଏବଂ ଜିଲା ସାମାଜିକ ନିରାପତ୍ତା ଅଧିକାରୀ ଆଦିକନ୍ଦ କଅଁର ଯୋଗଦେଇ କିନ୍ନରମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା, ଆଇନର ବିଭିନ୍ନ ଦିଗ ଏବଂ ଅଧିକାର ଉପରେ ଆଲୋକପାତ କରିଥିଲେ। ଗୁଣପୁର ଓକିଲ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଲିମା ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। କିନ୍ନର ସଂଘର ଜିଲା ସମ୍ପାଦକ ପିଙ୍କି ମହାପାତ୍ର, ସାଥୀ ସଂସ୍ଥାର ନିର୍ଦ୍ଦେଶକ ଚନ୍ଦନ କୁମାର ନାୟକ, ଶିକ୍ଷକ ତଥା ସାଧନ କର୍ମି ରମେଶ ଚନ୍ଦ୍ର ମିଶ୍ର, କିନ୍ନର ସଂଘର କୋଷାଧକ୍ଷ କାନ୍ତାରାଓ କଣ୍ଡାଗିରି ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ସଂଘର ସମସ୍ୟା ସମାଧାନ ନେଇ ଆଲୋଚନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ସଂଘର ସଦସ୍ୟମାନେ ।

ଡାବୁଗାଁ,୨୪।୧(ଡି.ଏନ୍.ଏ.)

**ପିଇଓ ସଂଘର ଭେଟଘାଟ**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଅଧୀନ ବିଡ୍ରି ମନ୍ଦିର ନିକଟରେ ରବିବାର ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ସଂଘ ନବରଙ୍ଗପୁର ଜିଲା ଶାଖାର ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂଘର ସଭାପତି ଏ. ଡି. ପ୍ରସାଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିହାରୀଲାଲ୍ ବାରିକ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ରାଜ୍ୟ ସଂଘର କୋଷାଧକ୍ଷ ମନୋରଞ୍ଜନ ପାତ୍ର, ରାୟଗଡ଼ା ଜିଲାର କମଳାକାନ୍ତ ରାଉତ, ସୁରେନ୍ଦ୍ର କୁମାର ପାତ୍ର ଓ ଭି. ମୁରଳିକ୍ରିଷ୍ଣା, ମାଲକାନଗିରି ଜିଲା ସଂଘର ଅଶୋକ ମହାରଣା, ଅଶୋକ କୁମାର ମହାନ୍ତି ଓ ବିଷ୍ଣୁ ଚରଣ ତ୍ରିପାଠୀ, ବଲାଙ୍ଗୀର ଜିଲାର କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ନବରଙ୍ଗପୁର ଜିଲା ସଂଘ ତରଫରୁ ସଂଗ୍ରାମ ପଟ୍ଟନାୟକ, ପୁନିତ୍‌ରାମ ଗଣ୍ଡ, କୈଳାସ ପାଣିଗ୍ରାହୀ, ଉତ୍କଳ ଭତ୍ରା, ସୁରେଶ ପାତ୍ର, କେ. ହୃଷୀକେଶ, ପ୍ରଦୀପ ପଟ୍ଟନାୟକ, ଗଣେଶ୍ୱର ପଣ୍ଡା, ରମେଶ ହରିଜନ, ଜହର ଗଣ୍ଡ, ଛନ୍ଦା ଚରଣ ବିଶୋୟୀ ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ସହଯୋଗ କରିଥିଲେ। ନବରଙ୍ଗପୁର ଜିଲାର ୧୦ ବ୍ଲକ୍‌ର ପିଇଓ ଏଥିରେ ଯୋଗ ଦେଇଥିଲେ। ବର୍ଷେ ମଧ୍ୟରେ ଚାକିରିରୁ ଅବସର ନେଇଥିବା ୫ ପିଇଓଙ୍କୁ ଏଠାରେ ସମ୍ବର୍ଦ୍ଧିତ କରଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ ପରିଚାଳନା କରିଥିଲେ।

### ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ନେଇ ଆଲୋଚନା

ଗୁଡାରି,୨୪।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରି ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ରବିବାର ମନ୍ଦିର ପରିସରରେ ସଭାପତି ପ୍ରଭାକର ରଥଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୯୩ ମସିହାରେ ପ୍ରତିଷ୍ଠା ହୋଇଥିବା ମନ୍ଦିର ଏବେ ପୃଷ୍ଠଭୂମିଠାରୁ କମ୍ ଉଚ୍ଚତା ହୋଇଯାଇଛି। ସେହିପରି ଅଧିକ ସଂଘ୍ୟାରେ ଭକ୍ତଙ୍କ ଦର୍ଶନ, ସ୍ନାନ ମଣ୍ଡପ, ରୋଷେଇ ଶାଳ, ଆନନ୍ଦ ବଜାର ଏବଂ ଉଚ୍ଚ ବାଇଶ ପାହଚ ସମେତ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ନିମନ୍ତେ ଆଲୋଚନା କରାଯାଇଥିଲା। ମନ୍ଦିର ପୁର୍ନଉଦ୍ଧାର ନିମନ୍ତେ ୫୦ ଲକ୍ଷ ଆବଶ୍ୟକ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ୪ଲକ୍ଷ ୬୩ହଜାର ଟଙ୍କା ସଂଗ୍ରହ ହୋଇଥିବା ବୈଠକରେ ସମ୍ପାଦକ ପ୍ରତାପ କେଶରୀ ଦେଓ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ନନ୍ଦ, ଗଣପତି ପାଠୀ, ବି. ନାଗା, ପେଦିନା ରମେଶ, ଗୋପୀନାଥ ଗୌଡ଼, ଲାଡି ସୋମେଶ୍ୱର, କୁନା ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବଜରଗଡ଼କୁ ହରାଇ କୋଡ଼ିଙ୍ଗା ଚାମ୍ପିୟନ

କୋଡ଼ିଙ୍ଗା,୨୪।୧(ଡି.ଏନ୍.ଏ.)

**କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ବଜରଗଡ଼ଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବଜରଗଡ଼ ଏବଂ କୋଡ଼ିଙ୍ଗା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଡ଼ିଙ୍ଗା ଟିମ୍ ବଜରଗଡ଼କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜେତା ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଉପ ବିଜେତା ଦଳକୁ ୮ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ କୋଷାଗୁମୁଡ଼ା ବ୍ଲକ୍ ଅଧକ୍ଷା ଗୀତାମଣି ସମରଥ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ରୂପେ କୋଷାଗୁମୁଡ଼ା ସରପଞ୍ଚ ନେତୁ ପୂଜାରୀ, କେ. ଏନ୍. ରାଜୁ ଏବଂ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବଜରଗଡ଼ ଗ୍ରାମର ଯୁବଗୋଷ୍ଠୀ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।



ବିଜେତା ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ପ୍ରଭାତ ଫେରିରେ ପରିବେଷଣ ହେବ ରାମଧୁନ

ଗୁଣପୁର,୨୪।୧(ଡି.ଏନ୍.ଏ.)

ଜାନୟାରୀ ୨୬ ସକାଳେ ଅନୁଷ୍ଠିତ ହେଉଥିବା ପ୍ରଭାତ ଫେରିରେ ରାମଧୁନ ହେବ ନାହିଁ ବୋଲି ଗଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ଜେ. ସୋନାଲ ପ୍ରସ୍ତାବ ରଖିଥିଲେ। ଏହାକୁ ନେଇ ଖବର ପ୍ରକାଶ ପାଇବା ପରେ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରବିବାର ସନ୍ଧ୍ୟାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପଜିଲାପାଳଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ। ରାମଧୁନ ଦୀର୍ଘ ଦଶନ୍ଧି ଧରି ପରିବେଷଣ ହୋଇଆସୁଛି। ଏହା ଆମ ଦେଶର ଅସ୍ମିତାର ପ୍ରଶ୍ନ। ତେଣୁ ଏହାକୁ ବନ୍ଦ ନ କରିବା ନିମନ୍ତେ ସେମାନେ ଅନୁରୋଧ କରିଥିଲେ। ଶେଷରେ ଉପଜିଲାପାଳ ପ୍ରଭାତ ଫେରୀରେ ରାମଧୂନ ପରିବେଷଣ ହୋଇ ସହର ପରିକ୍ରମା କରିବ ବୋଲି କହିଛନ୍ତି। ଭାଜପା ନେତା ୱାଇ. ଗଣପତିଙ୍କ ସମେତ ଦିଲୀପ ପଣ୍ଡା, ବସନ୍ତ ମିଶ୍ର, ରମେଶ ସାହୁ ପ୍ରମୁଖ ଏ ନେଇ ଉପଜିଲାପାଳଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗଣତନ୍ତ୍ର ଦିବସ ନିମନ୍ତେ ୨୨ରେ ହୋଇଥିବା ପ୍ରସ୍ତୁତି ବୈଠକରେ ଉପଜିଲାପାଳ ରାମଧୂନ ବନ୍ଦ କରି ପ୍ରଭାତ ଫେରିରେ ଦେଶାତ୍ମବୋଧ ସଙ୍ଗୀନ ପରିବେଷଣ ନିମନ୍ତେ ପ୍ରସ୍ତାବ ରଖିଥିଲେ।

# ବାଇକ୍ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା



ପୋଲିସ, ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ବାଇକ୍ ଶୋଭାଯାତ୍ରା ।

ନବରଙ୍ଗପୁର,୨୪।୧(ବି.ପ୍ର.)

**ପୋଲିସ, ଆର୍‌ଟିଓ ପକ୍ଷରୁ ସଚେତନତା**

ସଡ଼କ ସୁରକ୍ଷା ମାସ ଉପଲକ୍ଷେ ନବରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ଏବଂ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ରବିବାର ଉଭୟ ପରିବହନ ବିଭାଗ ଏବଂ ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନୂତନ ମୋଟରଯାନ ଆଇନକୁ ପାଳନ କରି ସୁରକ୍ଷିତ ଯାତ୍ରା କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ଚାମୁରିଆଗୁଡ଼ା ନିକଟରେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏଥିରେ ଅନେକ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ପହିବହନ ବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ପ୍ଲାକାର୍ଡ ମାଧ୍ୟମରେ ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ।

### ରାମମନ୍ଦିର ନିର୍ମାଣ ନେଇ ନିଧି ସଂଗ୍ରହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜୟପୁର ୨୪।୧ (ନି.ପ୍ର.)–

ରାମ ମନ୍ଦିର ନିଧି ସମର୍ପଣ କାର୍ଯ୍ୟକ୍ରମ ରବିବାର ଜୟପୁରରେ ଉଦ୍‌ଘାଟିତ ହୋଇଛି । ଜୟପୁର ରଜାନହରଠାରେ ହନୁମାନ ଚାଳିଶା ପାଠ କରାଯାଇ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଅଧିକାଂଶ ଜୟପୁର ଅଧିବାସୀ ଦଶହରା ପଡିଆଠାରେ ଏକତ୍ରିତ ହୋଇଥିଲେ । ସୋମବାରଠାରୁ ରାମ ମନ୍ଦିର ନିର୍ମାଣ ପାଇ ନିଧି ସଂଗ୍ରହ ହେବ। ଫେବୃଆରି ୧୦ରେ ସଂଗୃହିତ ନିଧି ସମର୍ପଣ ସମର୍ପଣ କାର୍ଯ୍ୟକ୍ରମ ହେବ। ଏନେଇ ଜୟପୁରକୁ ୧୬ଟି ଜୋନରେ ଭାଗ କରାଯାଇଛି । ପ୍ରତ୍ୟେକ ଜୋନ ପାଇଁ ନିଧି ପ୍ରମୁଖ, ସଂଯୋଜକ ଓ ସହ ସଂଯୋଜକ ନିଯୁକ୍ତ କରାଯାଇଛି । ୧୦ ଟଙ୍କା , ଶହେ ଟଙ୍କା ଓ ଏକ ହଜାର ଟଙ୍କାର କୁପନ କରାଯାଇଛି । ୨ ହଜାର ଟଙ୍କାରୁ ଅଧିକ ଟଙ୍କା କେହି ଦେଲେ ଚେକ ମାଧ୍ୟମରେ ଦେବେ। ଏହାର ରସିଦ ମଧ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ବାହିନୀପତି, ଅକ୍ଷୟ ସାହୁ,ଗୌତମ ସାମନ୍ତରାୟ, ତେଜେଶ୍ୱର ପଣ୍ଡା , ବୁନୁ ରଥ, ବାବା ଭାଇ ବଜରଙ୍ଗି, ସାନ ଚୌଧୁରୀଙ୍କ ସହ ଜୟପୁର ଜନସାଧାରଣ ସାମିଲ ହୋଇଥିଲେ ।

# ଗୁଣପୁର-ନୌପଡ଼ା ରେଳପଥରେ ଟ୍ରେନ୍ ଚଳାଚଳ ଦାବି

ଗୁଣପୁର,୨୪।୧(ଡି.ଏନ୍.ଏ.)

ଗୁଣପୁର-ନୌପଡ଼ା ରେଳପଥରେ ଶୀଘ୍ର ରେଳ ଚଳାଚଳ ନିମନ୍ତେ ଦାବି ହୋଇଛି। କରୋନା ପାଇଁ ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ରେଳପଥରେ ରେଳ ଚଳାଚଳ ବନ୍ଦ ରହିଛି। ଫଳରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍‌ଲକ ପରେ ଦେଶରେ ବିଭିନ୍ନ ଅଞ୍ଚଳରେ ରେଳ ଚଳାଚଳ ଆରମ୍ଭ ହୋଇଥିଲେ ମଧ ଏହି ରେଳପଥରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଅସନ୍ତୋଷ ବଢୁଛି। ତୈଳ ଦର ବୃଦ୍ଧି ଯୋଗୁ ବସ୍ ଭଡ଼ା ଅହେତୁକ ବୃଦ୍ଧି ପାଇଛି। ତେଣୁ ସାଧାରଣ ଲୋକେ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ବସ୍‌ରେ ଯିବା କଷ୍ଟକର ହୋଇପଡ଼ିଛି। ସେହିପରି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ଅଞ୍ଚଳବାସୀଙ୍କୁ ବିଶାଖାପାଟଣା, ବ୍ରହ୍ମପୁର ଏବଂ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଏପରି ସ୍ଥିତିରେ ଏହି ରେଳପଥରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏଥିସହ ଗୁଣପୁରରୁ ଭୁବେଶ୍ୱରକୁ ସିଧାସଳଖ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ନିମନ୍ତେ ଦାବି ଜଣାଇ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁଣପୁର ନବ ନିର୍ମାଣ ସମିତିର ଅଧକ୍ଷ ଅକ୍ଷୟ ଦାସ ମଧ ଏହିକ୍ରମରେ ଏକ ଚିଠି ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ସୂଚନାଯୋଗ୍ୟ ଗୁଣପୁରଠାରୁ ବିଭିନ୍ନ ସ୍ଥାନକୁ ଟ୍ରେନ୍ ଚଳାଚଳ କରୁଥିଲା। ହେଲେ କରୋନା ଯୋଗୁ ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଗୁଣପୁର-ପୁରୀ, ପୁରୀ-ଗୁଣପୁର, ଗୁଣପୁର-ପଲାସା, ପଲାସା-ଗୁଣପୁର, ବିଶାଖାପାଟଣା-ଗୁଣପୁର, ଗୁଣପୁର-ବିଶାଖାପାଟଣା ଏବଂ ଗୁଣପୁର-ରାଉରକେଲା ଭାୟା ଭୁବନେଶ୍ୱର ରାଜ୍ୟରାଣୀ ଏକ୍ସପ୍ରେସ୍ ଚଳାଚଳ କରୁଥିଲା। ଏହି ସମସ୍ତ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ ଦାବି ହେଉଛି।

## ନାକାମାମୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରୁକୋଣ୍ଡା,(ଡି.ଏନ.ଏ.)-ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତ କାର୍ଯ୍ୟାଳୟ ରବିବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପୂର୍ବରୁ ଏହି ପଞ୍ଚାୟତରେ ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ସମସ୍ତ ସରକାରୀ କାର୍ଯ୍ୟ ଚାଲିଥିଲା। ପଞ୍ଚାୟତ ଅଧିକାରୀ ଭାବେ ଦେବେନ୍ଦ୍ରନାଥ ନାୟକ ଯୋଗଦେବା ପରେ ସେ ତାଙ୍କ ଉଦ୍ୟମରେ ଏହି କାର୍ଯ୍ୟାଳୟ କରିଛନ୍ତି। ପୂର୍ବରୁ ନିଜ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ଅନେକ ସରକାରୀ କାର୍ଯ୍ୟରେ ଯେଉଁ ବାଧା ଉପୁଜୁଥିଲା ତାହା ଆଉ ହେବନାହିଁ ବୋଲି ଏହି ଅବସରରେ ନାୟକ କହିଛନ୍ତି। ବିଡିଓ ଅଂଶୁମାନ ମହାପାତ୍ର, ବ୍ଲକ ଅଧକ୍ଷା ସାବିତ୍ରୀ ପଡିଆମି, ସରପଞ୍ଚ ବିଶ୍ୱନାଥ ହନ୍ତାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ୨ କର୍ମକର୍ତ୍ତା ମନୋନୀତ

କୋରାପୁଟ,୨୪।୧(ସ୍ୱ.ପ୍ର.)- କୋରାପୁଟ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ତିଳକ ଖେମୁଣ୍ଡୁଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ମାକଣ୍ଡ ପାଢୀ, ସମ୍ପାଦକ ନରସିଂହ ପଟ୍ଟନାୟକ, ରାମନାଥ ପଣ୍ଡା ସମେତ ଅନ୍ୟ କେତେ ଜଣ ଅବସରପ୍ରାପ୍ତ ସଦସ୍ୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖାଲି ପଡିଥିବା ଉପସଭାପତି ପଦବୀ ପାଇଁ ବିଜ୍ଞାନୀ ମିଶ୍ର ଏବଂ ସମ୍ପାଦକ ପଦବୀ ପାଇଁ ରଣଜିତ କୁମାର ପଟ୍ଟନାୟକ ଙ୍କୁ ମନୋନୀତ କରାଯାଇଥିଲା। ରାଜ୍ୟ ସଭାପତି ସୁରେଶ ହୋତା, ପରାମର୍ଶଦାତା ବାବାଜୀ ପାଣିଗ୍ରାହୀଙ୍କ ସହ ଜିଲାର କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମନ୍ଦିର ମୁଖଶାଳା ଛାତ କାର୍ଯ୍ୟରେ ଶ୍ରମଦାନ କଲେ ବିଧାୟକ

ଦଶମନ୍ତପୁର,୨୪।୧ ( ଡି.ଏନ.ଏ. ) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ନିର୍ମିତ ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିର ମୁଖଶାଳାର ଛାତ ପଡିବା କାର୍ଯ୍ୟରେ ରବିବାର ଗ୍ରାମବାସୀଙ୍କ ସହ ଲକ୍ଷ୍ମୀପୁର ବିଧାୟକ ଶ୍ରମଦାନ କରିଥିବା ଦେଖିବାକୁ ମିଳିଛି। ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀଙ୍କ ନେତୃତ୍ୱରେ ମନ୍ଦିରର ନାଟମଣ୍ଡପ ତଥା ମୁଖଶାଳାର ଛାତ ପକାଯାଉଥିଲା। ଏ ସମ୍ପର୍କରେ ଖବର ପାଇ ମନ୍ଦିରର ଉପଦେଷ୍ଟା ତଥା ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ପହଞ୍ଚି ମନ୍ଦିର କାର୍ଯ୍ୟରେ ଶ୍ରମଦାନ କରିଥିଲେ। ବାଣୁଆଗୁଡ଼ା, ବଦଳିକୁଡୁମା, ତଳଗଉଡ଼କଣ୍ଟା, ଉପରଗଉଡ଼କଣ୍ଟା ଏବଂ ଦଶମନ୍ତପୁରର ପ୍ରାୟ ୭୦ ଜଣ ଏହି କାର୍ଯ୍ୟରେ ଶ୍ରମଦାନ କରିଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଏମ୍‌ଭି ୭୯,୨୪।୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି-୭୯ ସିରି ପ୍ରାଥମିକ ବିଦ୍ୟାଳୟ ପରିସରଠାରେ ରବିବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କାଲିମେଲା ବ୍ଲକ ଅଧକ୍ଷ ମାଲା ମାଢ଼ି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଏସିଓ ଦେଶା କାମରାମ, ତାଣ୍ଡବାଇ ପିଇଓ ଗଙ୍ଗାଧର ଖିଲ ଉପସ୍ଥିତ ଥିଲେ। ଭୁବନପାଲି, ତାଣ୍ଡବାଇ ଓ ଲୁଗେଲ ପଞ୍ଚାୟତରୁ ଦୃଷ୍ଟିଜନିତ ସମସ୍ୟା ଥିବା ୬ ଜଣଙ୍କ ସମେତ ୭୯ ଜଣ ଭିନ୍ନକ୍ଷମ ଶିଶୁ, ପୁରୁଷ ଓ ମହିଳା ନାମ ପଞ୍ଜୀକରଣ କରିଥିଲେ। ଶିବିରରେ କାଲିମେଲା ଗୋଷ୍ଠୀ ସାସ୍ଥ୍ୟ ଅଧିକାରୀ ଡା.ଅବିଦ ହୁସେନ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପଞ୍ଜୀକୃତ ୭୯ ଜଣଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବ ବୋଲି ଡାକ୍ତର ହୁସେନ କହିଥିଲେ।

### କୁନ୍ଦୁଲିରେ ଟିକାକରଣ

ସେମିଳିଗୁଡା,୨୪।୧(ସ୍ୱ.ପ୍ର.)-ସେମିଳିଗୁଡା ବ୍ଲକ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକାକରଣର ଶୁଭାରମ୍ଭ ଶନିବାର ହୋଇଛି। ମେଡିକାଲ ଅଫିସର ଡାକ୍ତର ସଞ୍ଜୀବ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଟିକା ଏଏନ୍‌ଏମ୍ ମିନକା ବାରିକ ନେଇଥିଲେ। ପରେ ଅନ୍ୟ ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଅଙ୍ଗନୱାଡି କର୍ମଚାରୀ ଓ ଆଶା କର୍ମୀମାନେ ଟିକା ନେଇଥିଲେ। ସମସ୍ତଙ୍କୁ ଟିକା ଦେବାର ୩୦ ମିନିଟ ପର୍ଯ୍ୟନ୍ତ ଅବଜରଭେଶନରେ ରଖାଯାଇଥିଲା। ଟିକା ଗ୍ରହଣକାରୀଙ୍କ ନିକଟରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥିବା ଜଣାପଡିଛି। ବିପିଏମ୍ ମଧୁଲିକା ପାଢ଼ୀ, ରାହୁଲ କଡାମ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସୁନାବେଡା,୨୪।୧(ସ୍ୱ.ପ୍ର.) ସୁନାବେଡା ପୋଲିସ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ସୁନାବେଡା ପୌର ପରିଷଦ ଟ୍ରାଫିକ ଛକଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଭୀମସେନ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗାଡି ମୋଟରରେ ଯାତାୟାତ କରୁଥିବା ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଏବଂ ଲିଖିତ ପ୍ଲା-କାର୍ଡ ଦେଖାଇ ସଚେତନ କରାଯାଇଥିଲା। ଗାଡି ଚଲାଇବା ବେଳେ ହେଲମେଟ୍ ପିନ୍ଧିବା, ସିଟବେଲ୍ଟ ବ୍ୟବହାର କରିବା, ନିଶା ସେବନ କରି ଗାଡି ନ ଚଲାଇବା ଏବଂ ଗାଡି ଚାଳନା ବେଳେ ମୋବାଇଲରେ କଥା ନ ହେବା ପାଇଁ ଲୋକଙ୍କୁ ଅବଗତ କରାଯାଇଥିଲା। ଏସ୍‌ଆଇ ମୁକୁନ୍ଦ ମେଲକାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

# ବର୍ଷେ ନ ପୂରୁଣୁ ବଦଳୁଛନ୍ତି ଅଧିକାରୀ

କୁନ୍ଦୁରା,୨୪।୧(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଞ୍ଚଳରେ ବିଭିନ୍ନ ସମସ୍ୟା ରହିଛି। ମାତ୍ର ଏହାର ସମାଧାନ ହୋଇପାରୁନାହିଁ। ଏଠାରେ ପ୍ରଶାସନର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ସେମାନଙ୍କ ପଦବୀରେ ଯୋଗଦେବାର ମାତ୍ର ବର୍ଷକ ଭିତରେ ଅନ୍ୟତ୍ର ବଦଳି ହୋଇଥାନ୍ତି। ଫଳରେ ଅଧିକାରୀ ଜଣକ ଆରମ୍ଭ କରିଥିବା କାର୍ଯ୍ୟ ଅଧୁରା ରହିଥାଏ। ଥାନାରେ କାର୍ଯ୍ୟରତ ଥିବା ଆଇଆଇସି ଭବାନୀ ମୁଦୁଲିଙ୍କ ବର୍ଷେ ବିତିବା ପରେ ପରେ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ସୂର୍ଯ୍ୟପ୍ରକାଶ ନାୟକ ଓଆଇସି ହୋଇଥିଲେ। ସେ ଏଠାରେ କାର୍ଯ୍ୟ କରିବାର କିଛି ମାସ ପରେ ତାଙ୍କର ବଦଳି ନିର୍ଦ୍ଦେଶ ଆସିଥିଲା। ସେହିଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଧ ବାରମ୍ବାର ବଦଳି କରାଯାଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମେଡିକାଲ ଅଫିସର ଇନ୍‌ଚାର୍ଜ (ଏମ୍‌ଓଆଇସି) ପ୍ରଶାନ୍ତ ସାମଲ ସ୍ନାତକୋତ୍ତର ଡିଗ୍ରୀ ପାଇବା ପରେ ତାଙ୍କ ସ୍ଥାନରେ ବିଶ୍ୱ ପ୍ରତାପ ଦାସ ଆସିଥିଲେ। ବର୍ତ୍ତମାନ ସେ କୌଣସି ଏକ ତାଲିମ ପାଇଁ ଯାଇଛନ୍ତି। ତାଙ୍କ ସ୍ଥାନରେ ଜଣେ ଯୁବ ଡାକ୍ତରଙ୍କୁ ଏମ୍‌ଓଆଇସି ଦାୟିତ୍ୱ ପ୍ରଦାନ କରାଯାଇଛି । ଯୋଗାଣ ବିଭାଗରେ ମଧ ବର୍ଷକ ମଧରେ ୩ଜଣ ଯୋଗାଣ ନିରୀକ୍ଷକଙ୍କୁ ବଦଳି କରାଗଲାଣି । ଗତବର୍ଷ ଯୋଗାଣ ନିରୀକ୍ଷକ ନରସିଂହ ପଣ୍ଡାଙ୍କୁ ଜିଲା ପ୍ରଶାସନ କୁନ୍ଦୁରା ବଦଳି କରିଥିଲା। ତାଙ୍କର ପଦୋନ୍ନତିପରେ ସେ ଖୋର୍ଦ୍ଧା ଏସିଏସ୍‌ଓ ଭାବେ ଚାଲିଗଲେ। ସେହି ସ୍ଥାନରେ ରମେଶ ଚନ୍ଦ୍ର ମଲ୍ଲିକ ଦାୟିତ୍ୱ ନେଇଥିଲେ। ତାଙ୍କୁ ଅନ୍ୟତ୍ର ବଦଳି କରି ବର୍ତ୍ତମାନ ମୁରଲୀଧର ହେସା ଯୋଗାଣ ନିରୀକ୍ଷକ ଅଛନ୍ତି। ସେହିପରି ବ୍ଲକ କୃଷି ଅଧିକାରୀ ଭାବେ ଧୀରେନ୍ଦ୍ର ସିଂ ବରିହା ଥିଲେ। ତାଙ୍କର ଝାରସୁଗୁଡ଼ା ବଦଳି ହୋଇଛି। ସେହି ସ୍ଥାନ ଏବେ ଖାଲି ରହିଛି। ସେହିଭଳି ଶିକ୍ଷା ବିଭାଗରେ ମଧ ସମାନ ଅବସ୍ଥା। ଏଠାରେ ସ୍ଥାୟୀ ଭାବେ ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ମିଳୁନାହିଁ। ଅନେକ ସମୟ ଏହି ପଦବୀ ଭାରପ୍ରାପ୍ତରେ ହିଁ ଚାଲିଛି। ବର୍ତ୍ତମାନ ମଧ ଜଣେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଅଛନ୍ତି । ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ମଧ ବର୍ଷେ ନ ପୂରୁଣୁ ତାଙ୍କର ଅନ୍ୟତ୍ର ବଦଳି ହେଉଛି। ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଡି. ନାରାୟଣଙ୍କ ବର୍ଷେ ଭିତରେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଅନ୍ୟ ଜଣେ ଦାୟିତ୍ୱରେ ଅଛନ୍ତି। ପିଇଓମାନଙ୍କ ଅବସ୍ଥା ମଧ ସେଇଆ। ବର୍ଷେ ଭିତରେ ଭିନ୍ନଭିନ୍ନ ସ୍ଥାନକୁ ବଦଳି ଯୋଗୁ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ଏଥିସହ ବ୍ଲକ କାର୍ଯ୍ୟାଳୟରେ ମଧ ବିଭିନ୍ନ ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଛି। ଏହାକୁ ପୂରଣ କରାଯାଉନାହିଁ। ଜିଲା ପ୍ରଶାସନ କୁନ୍ଦୁରା ବ୍ଲକକୁ ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ଲମତାପୁଟ: ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ ଲିକ୍ ସମୟରେ କିପରି ନିଆଁକୁ ଆୟତ୍ତ କରାଯିବ ସେନେଇ କୌଶଳ ପ୍ରଦର୍ଶନ କରୁଛନ୍ତି।

ଲମତାପୁଟ,୨୪।୧(ଡି.ଏନ.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ଡିଗ୍ରୀ କଲେଜଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ କଲେଜ ଅଧକ୍ଷ ପ୍ରବୀଣ କୁମାର ବିଶୋୟୀଙ୍କ ଅଧକ୍ଷତା କରିଥିଲେ। ଓଆଇସି ଡି ଲାକ୍ରା, ଏନ୍ ସାହୁ, ଭି .ଭୂୟାଁ, ଗଗନ ବିହାରୀ ଭଇଁସାଲ, ଏସ୍‌ଆର ଭୋଇ, ଡି.ପାତ୍ର ପ୍ରମୁଖ ଉପସ୍ଥିତ ରହି ଦୁର୍ଘଟଣା ସମୟରେ କିଭଳି ଲୋକଙ୍କୁ ରକ୍ଷା କରିବେ, ନିଆଁ ଲିଭାଇବା, ଗ୍ୟାସ ଲିକ୍ ହୋଇଥିଲେ କିପରି ନିଆଁକୁ ଆୟତ୍ତ କରିବା ନେଇ କୌଶଳ ପ୍ରଦର୍ଶନ କରିଥିଲେ। ଆଶିଷ ରଥ, ସାଗର ବେହେରା ସୁମନ୍ତ ଚୌଧୁରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ

ମାଲକାନଗିରି,୨୪।୧ (ଡି.ଏନ୍.ଏ.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ରବିବାର ପାଳିତ ହୋଇଯାଇଛି। ମୁଁ ପଢିବି ମୁଁ ବଢିବି ଭଳି ମହତ ଲକ୍ଷ୍ୟ ନେଇ କିଟ୍ ଓ କିସ୍‌ର ଅଧକ୍ଷ ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଏସ୍‌ପି ରିଷିକେଶ ଡି. ଖିଲାରି, ଜିଲା ଶିଶୁ ସୁରକ୍ଷା ଅଧକାରୀ ନାରାୟଣ ଦାସ, ଜିଲା ଶିଶୁ ପ୍ରକଳ୍ପ ଅଧିକାରୀ ରାଜେଶ ପଟ୍ଟନାୟକ, କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, ଡିଗ୍ରୀ କଲେଜ ଅଧାପିକା ଡ. ହନେରିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କନ୍ୟାସନ୍ତାନଙ୍କୁ ଉପଯୁକ୍ତ ଶିକ୍ଷା, ପୋଷଣ, ସୁରକ୍ଷା, ଆଇନଗତ ବ୍ୟବସ୍ଥା,ସମାନତା ଅଧିକାର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କିସ୍‌ର ଜିଲା ସଂଯୋଜକ ରମ୍ୟରଞ୍ଜନ ପରିଡା, ସହ ସଂଯୋଜକ ଉତ୍ତମ ଶାହା, ସାମାଜିକ କର୍ମୀ ବିନାଶ ମିଶ୍ର, ରାଜା ପ୍ରସାଦ ନାୟକ, ଜୟନ୍ତୀ ବୁରୁଦା, ସନ୍ତୋଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଦିବ୍ୟଧାମ ଆଶ୍ରମ ଉଦ୍‌ଘାଟିତ

କାଲିମେଲା,୨୪।୧ (ଡି.ଏନ.ଏ.)

ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମାଲକନଗିରି ଜିଲା କାଲିମେଲା ବ୍ଲକ ସଦର ମହକୁମାରେ ଏକ ନୂତନ ଦିବ୍ୟଧାମ ଆଧାତ୍ମିକ ଶିକ୍ଷାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ଅବିଭକ୍ତ କୋରାପୁଟ ଜିଲା ମୁଖ୍ୟାଳୟର ନବରଙ୍ଗପୁର ମୁଖ୍ୟ ସଞ୍ଚାଳିକା ରାଜଯୋଗିନି ବ୍ରହ୍ମାକୁମାରୀ ନୀଲମ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବରୋଇ ଆଶ୍ରମ ସମ୍ମୁଖରେ ଶିବଝଣ୍ଡା ଉନ୍ମୋଚନ କରି ଶପଥପାଠ କରାଇଥିଲେ। ଅନୁଷ୍ଠିତ ସଭାରେ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ମାଲା ମାଢ଼ି, ବ୍ରହ୍ମାକୁମାରୀ ନିଲମ ଜୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅବିଭକ୍ତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି ଜିଲା ମୁଖ୍ୟ ସେବାକେନ୍ଦ୍ରର ଭଉଣୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଅନୁଗୁଳିଆ ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କ ଦ୍ୱାରା ଯେଉଁ ନୈତିକତାର ସଚେତନତା ସୃଷ୍ଟି କରାଯାଇଛି ତାହା ଅନ୍ୟମାନଙ୍କୁ ପ୍ରେରଣା ଦେବ। ବିନା ଖର୍ଚ୍ଚରେ ମଣିଷ ମନକୁ ସ୍ୱଚ୍ଛ କରିବା ଏବଂ ଜିଲାରେ ନିଶା ନିବାରଣ ପାଇଁ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବ୍ରହ୍ମ କୁମାର ସୁବାସ ମିଶ୍ର ଅତିଥି ପରିଚୟ ଦେଇଥିଲେ।

# ନକଲି ମଦ ତିଆରି ସାମଗ୍ରୀ ଜବତ: ଅଭିଯୁକ୍ତ ଫେରାର

ଚାନ୍ଦିଲି (କୋଟପାଡ଼), ୨୪।୧(ଡି.ଏନ.ଏ.)

**କିରୋସିନରେ କେମିକାଲ ମିଶାଇ ହେଉଥିଲା ଡିଜେଲ**

କୋଟପାଡ଼ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ନକଲି ମଦ ଏବଂ ମଦ ତିଆରି ସାମଗ୍ରୀ ଜବତ କରିଛି। ଅବକାରୀ ଭାରପ୍ରାପ୍ତ ଅଧିକାରୀ ତ୍ରିପତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋଟପାଡ଼ ଏନ୍‌ଏସିର କୁଞ୍ଜଗୁଡାଠାରେ ଏକ ଭଡାଘରେ ଚଢାଉ କରିଥିଲା। ଏହି ସମୟରେ ନକଲି ମଦ ତିଆରିରେ ବ୍ୟବହୃତ ସ୍ପିରିଟ, ବିଭିନ୍ନ କମ୍ପାନୀର ମଦ ବୋତଲ, ସରକାରୀ ଲେବଲ ଥିବା ଷ୍ଟିକର ଆଦି ଜବତ ହୋଇଛି। ଏଥିସହ ଘର ଭିତରେ ବିପୁଳ ପରିମାଣର କିରୋସିନ ଥିବା ଟିମ୍ ଦେଖିବାକୁ ପାଇଥିଲା। କିରୋସିନରେ କେମିକାଲ ମିଶାଇ ନକଲି ଡିଜେଲ ତିଆରି ହେଉଥିବା ସନ୍ଦେହ କରାଯାଇ ଏ ସମ୍ପର୍କରେ କୋଟପାଡ଼ ଥାନା ପୋଲିସକୁ ଟିମ୍ ଅବଗତ କରିଥିଲା। ଥାନା ଅଧିକାରୀ ଉଲ୍ଲାସ ମାଝୀ ଓ ମାର୍କେଟିଂ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ଦାସ ଘଟଣା ସ୍ଥଳରେ ପହଞ୍ଚି କିରୋସିନ ଜବତ କରିଥିଲେ। ୧୫୦ ଲିଟର କିରୋସିନ ଜବତ ହୋଇଛି। ଏହାର ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ଦାସ କହିଛନ୍ତି। ଅବକାରୀ ଭାରପ୍ରାପ୍ତ ଅଧିକାରୀ କେ. ତ୍ରିପତି ପଟ୍ଟନାୟକ, ଏଏସ୍‌ଆଇ ଉମାକାନ୍ତ ଲମତା, ଶକ୍ତି ବେହେରା, ବିକ୍ରମ ଚନ୍ଦ୍ର ଗୋପାଳ, ହଳଧର ଜାନି, ଶୁକମଣି ଓରାମ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ତେବେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ବିଫଳ ହୋଇଛନ୍ତି। ଚଢ଼ାଉ ସମୟରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପଟ୍ଟନାୟକ କହିଛନ୍ତି।

# ଆଦିବାସୀ ଗୀତରେ ସଡ଼କ ସୁରକ୍ଷା ସଚେତନତା

ଜୟପୁର, ୨୪।୧ (ନି.ପ୍ର.)




ସାଇକେଲ ଯୋଗେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଜୟପୁରଠାରେ ରବିବାର ୩୨ ତମ ଜାତୀୟ ସଡକ ସୁରକ୍ଷା ମାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ଆଞ୍ଚଳିକ ପରିବହନ ଅଧିକାରୀ କୋରାପୁଟ, ଟାଉନ ଓ ସଦର ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଆୟୋଜିତ ହୋଇଥିଲା । ଏହି ଅବସରରେ ଟାଉନଥାନାରୁ ସାଇକେଲ ଓ ମୋଟର ସାଇକେଲ ଦ୍ୱାରା ସଡକ ସୁରକ୍ଷା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରାଯାଇଥିଲା । ଉଭୟ ଥାନାର ପୋଲିସ କର୍ମଚାରୀ, ସିଓ୍ୱା ସାମାଜିକ ସଙ୍ଗଠନ, ସାହାଯ୍ୟ ଗ୍ରୁପ, ନିର୍ମାଣ ସାମାଜିକ ସଙ୍ଗଠନ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଆଦିବାସୀ ନାଚଗୀତ ମାଧ୍ୟମରେ ସଡକ ସୁରକ୍ଷା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ କୋରାପୁଟ ଜିଲାରେ ମୋଟର ଯାନ ଆଇନ କଡାକଡି ଭାବେ ପାଳନ କରାଯିବ ବୋଲି ସହକାରୀ ଏମଭିଆଇ ବି. ଏନ. ରାଓ ସୂଚନା ଦେଇଥିଲେ । ଏସଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ସଡ଼କ ସୁରକ୍ଷା ସଚେତନତା ଶୋଭଯାତ୍ରା

ଚିତ୍ରକୋଣ୍ଡା,୨୪।୧(ଡି.ଏନ.ଏ.)– ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଜୋଡ଼ାମ୍ବ ଥାନା ଅଧିକାରୀ ଅନିଲ ପରିଡା ଓ ପାପରମେଟେଲା ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ରବିବାର ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ଏକ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। ଏହି ସଚେତନତା ଶୋଭଯାତ୍ରା ଜୋଡ଼ାମ୍ବ ପଞ୍ଚାୟତର ଜୋଡ଼ାମ୍ବ, ଜନ୍ତୁରାଇ ଓ ଦରଲାବେଢା ଗ୍ରାମ ପରିକ୍ରମା କରିଥିଲା। ୪ଚକିଆ ଯାନ ଚଲେଇଲା ବେଳେ ସିଟ୍ ବେଲ୍ଟ ବାନ୍ଧିବା, ଦୁଇଚକିଆ ଚଲାଇବାବେଳେ ହେଲମେଟ୍ ବ୍ୟବହାର କରିବା, ମଦ୍ୟପାନ କରି ଗାଡି ନ ଚଲାଇବା, ଗାଡିର ସମସ୍ତ କାଗଜପତ୍ର ପାଖରେ ରଖିବା, ଦ୍ରୁତଗତିରେ ଗାଡି ନ ଚଲାଇବା ଆଦି ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ, ଥାନା କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ହାତରେ ବ୍ୟାନର ପ୍ଲା-କାର୍ଡମାନ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଜୟପୁରରେ କୋଲକାତାର ଟେରାକୋଟା ସାମଗ୍ରୀ



ଜୟପୁର ସହର ରାସ୍ତା ପାର୍ଶ୍ୱରେ ପଡିଥିବା ଟେରାକୋଟା ସାମଗ୍ରୀର ସମ୍ଭାର ।

ଜୟପୁର, ୨୪।୧ (ନି.ପ୍ର.)

ଜୟପୁର ବଜାରରେ କୋଲକାତାର ବିଭିନ୍ନ ଟେରାକୋଟା ସାମଗ୍ରୀ ବିକ୍ରି ହେଉଛି। ମହିଳା ମହାବିଦ୍ୟାଳୟ ନିକଟରେ ପଡିଛି ଏହି ଟେରାକୋଟା ସାମଗ୍ରୀର ପସରା। କୋଲକାତାରୁ ଆସିଥିବା ଶିଳ୍ପୀମାନେ ଏଭଳି ସାମଗ୍ରୀ ବିକ୍ରି କରୁଛନ୍ତି। ମାଟିରେ ତିଆରି ମନଲୋଭା ମୂର୍ତ୍ତି ଲୋକଙ୍କ ପାଇଁ ଆକର୍ଷଣ ପାଲଟିଛି। ଟିକେ ଦେଖିବା ଲାଗି ଅନେକେ ଅଟକି ଯାଉଛନ୍ତି। କିଏ କିଣୁଛନ୍ତି ତ କିଏ ଦେଖି ଦେଇ ଚାଲିଯାଉଛନ୍ତି। ନିଖୁଣ କାରିଗରିରେ ମାଟିରେ ନିର୍ମିତ ଏହି ଟେରାକୋଟା ସାମଗ୍ରୀ ଘରେ ସଜେଇ ରଖିବାରେ ବେଶ୍ ଆନନ୍ଦ ମିଳେ। କୋଲକାତାର ଗଙ୍ଗା ନଦୀ ପଟୁ ମାଟିରେ ନିର୍ମିତ ସାମଗ୍ରୀ ମଧ୍ୟରେ ରହିଛି ଗଣେଶ, ଲକ୍ଷ୍ମୀ, କୃଷ୍ଣ, ଶିବ, ସରସ୍ୱତୀ, ଗୌତମ ବୁଦ୍ଧ, ଫୁଲ କୁଣ୍ଡ, ଲ୍ୟାମ୍ପସ, ଗାର୍ଡନ ଲ୍ୟାମ୍ପସ ଆଦି ବିକ୍ରି ହେଉଛି । ୫୦ ଟଙ୍କାରୁ ଆରମ୍ଭ କରି ୨ ହଜାର ଟଙ୍କା ଯାଏ ଦର ରହିଥିବା କହନ୍ତି କାରିଗର ବୀରେନ ବିଶ୍ୱାସ।

# ଶହୀଦ ଲକ୍ଷ୍ମଣ ନାୟକ ଚାମ୍ପିୟନ ଟ୍ରଫି ଉଦ୍‌ଯାପିତ

ବୈପାରିଗୁଡା,୨୪।୧ (ଡି.ଏନ୍.ଏ.)

ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ବ୍ରାହ୍ମଣଗୁଡାଠାରେ ଶହୀଦ୍ ଲକ୍ଷ୍ମଣ ନାୟକ ଚାମ୍ପିୟନ ଟ୍ରଫି ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଦିଶାରିଗୁଡା ଓ ଖଡପି ମଧ୍ୟରେ ହୋଇଥିଲା। ଦିଶାରିଗଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଖଡପି ଟିମ୍ ୮ ଓଭର୍‌ରେ ୫ ଉଇକେଟ୍ ହରାଇ ଧାର୍ଯ୍ୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିକାଶ ସ୍ୱାଇଁ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ବିକାଶ ନାୟକଙ୍କୁ ଘୋଷଣା କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ୍, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ,ପୂର୍ବତନ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ବ୍ଲକ ଅଧକ୍ଷ ସରୋଜିନୀ କାଣ୍ଡିକି, ବ୍ଲକ ଉପାଧକ୍ଷ ତ୍ରିଲୋଚନ ଜେନା ଓ ସ୍ଥାନୀୟ ସରପଞ୍ଚ ଅମ୍ବିକା ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଟିମ୍‌କୁ ଟ୍ରଫି ସହ ୮ ହଜାର ୮୮୮ ଟଙ୍କା ଓ ରର୍ନସ ଅପ୍ ଟିମ୍‌କୁ ୬ ହଜାର ୬୬୬ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଆଇନଜୀବୀ ବିଶ୍ୱଜିତ୍ ନାୟକ ପରିଚାଳନା କରିଥିଲେ।

**ଖଡପି ଟିମ୍ ବିଜୟୀ**




ଟୁର୍ନାମେଣ୍ଟର ଖେଳାଳିମାନେ।

# ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଗଲା

କାଲିମେଲା,୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଭେଙ୍କଟାପଲମ ପଞ୍ଚାୟତର ମାଙ୍ଗିପାଲି ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଭୀମା ମାଢିଙ୍କ ୨ ବଖରା ପୋଡିଯାଇଛି। ଏଥିସହ ତାଙ୍କର ସମସ୍ତ ଆସବାବପତ୍ର ସହ ଘରେ ଥିବା ୧୫ କୁଇଣ୍ଟାଲ ଧାନ, ୨୦ ହଜାର ଟଙ୍କା ପୋଡି ଯାଇଥିବା ଜଣାପଡିଛି। ଖବରପାଇ କାଲିମେଲା ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଭୀମା ଓ ତାଙ୍କ ସ୍ତ୍ରୀ ଦେବେ ମାଢି କ୍ଷେତରେ ବାଦାମଚାଷ ପାଇଁ କାର୍ଯ୍ୟରତ ଥିବା ବେଳେ ଏପରି ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରୁ କୌଣସି ସାମଗ୍ରୀ ବାହାରିପାରି ନ ଥିଲା ବୋଲି କହିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିବା ଘର।

# ସାଧାରଣତନ୍ତ୍ର ଦିବସ ନେଇ ପରେଡ୍ ପ୍ରସ୍ତୁତି ଶେଷ

କୋରାପୁଟ,୨୪।୧(ସ୍ୱ.ପ୍ର.)

କୋରାପୁଟ ପୋଲିସ ପଡିଆରେଠାରେ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଲାଗି ରବିବାର ପରେଡ୍ ଅଭ୍ୟାସ ଶେଷ ହୋଇଛି । ଅତିରିକ୍ତ ଜିଲା ଅଧୀକ୍ଷକ ଉତ୍କଳ ରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ପୋଲିସ ଓ ଏନସିସି ଦଳର ପରେଡକୁ ରିର୍ଜଭ ଇନ୍ସପେକ୍ଟର ସୁବାଷ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ । ଏସଡିପିଓ ଗୁଣନିଧି ମଲ୍ଲିକଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୬ରେ ହେବାକୁ ଥିବା ୭୨ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଶେଷ ପର୍ଯ୍ୟାୟରେ ପରେଡ ପ୍ରସ୍ତୁତି।

